# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୪ ଜୁଲାଇ ୨୦୨୪

----

[କୃଷି ଓ କୃଷକ ସଶକ୍ତିକରଣ - ସମବାୟ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ଶକ୍ତି - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ଓ କାରିଗରୀ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ଉତ୍ପାଦିତ ଚିନାବାଦାମର ବିକ୍ରୟ ବ୍ୟବସ୍ଥା

*31 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲାରେ ବିଗତ ତିନି ବର୍ଷରେ କେଉଁ ବ୍ଲକରେ କେତେ ପରିମାଣ ଜମିରେ ଚିନାବାଦାମ ଚାଷ ହୋଇଥିବା ବେଳେ କେତେ ଚିନାବାଦାମ ଉତ୍ପାଦିତ ହୋଇଛି ; ଉତ୍ପାଦିତ ଚିନାବାଦାମର ବଜାର ବ୍ୟବସ୍ଥା ସହ ବିକ୍ରୟ କରିବାକୁ କି ପଦକ୍ଷେପ ନିଆଯାଇଛି ଏବଂ (ଖ) ଚଳିତ ବର୍ଷ ବଡଚଣା ବ୍ଲକ୍ ସହ ଜିଲ୍ଲାରୁ ଉତ୍ପାଦିତ ଚିନାବାଦାମ ବିକ୍ରୀ ନହୋଇ ପଡିରହିଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ ଉତ୍ପାଦିତ ଚିନାବାଦାମର ବିକ୍ରୟ ବ୍ୟବସ୍ଥା ପାଇଁ କି ତ୍ୱରିତ ପଦକ୍ଷେପ ନିଆଯାଉଛି?

----

### ଧାନ କ୍ରୟ କରି ତୁରନ୍ତ ପ୍ରାପ୍ୟ ପ୍ରଦାନ

*32 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ କେଉଁ ଜିଲ୍ଲାର କେଉଁ ଧାନ ମଣ୍ଡିରେ କେତେ ଧାନ ବର୍ଷା ଯୋଗୁଁ ନଷ୍ଟ ହୋଇଛି, ଚାଷୀଙ୍କ ଠାରୁ ଉପଯୁକ୍ତ ସମୟରେ ଧାନ କ୍ରୟ କରି ସେମାନଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ ପାଇଁ ସରକାର କି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି ?

----

## ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ

***33 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପ୍ରାଥମିକ ସେବା ସମବାୟ ସମିତି ଗଠନ

***34 ଶ୍ରୀ ଶାରଦା ପ୍ରସାଦ ପଧାନ ( ମାହାଙ୍ଗା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର କେଉଁ ଜିଲ୍ଲାରେ କେତେଗୋଟି ନୂତନ ପ୍ରାଥମିକ ସେବା ସମବାୟ ସମିତି ଖୋଲାଯାଇଛି, ଏହି ସମିତି କେଉଁ ଆଧାରରେ ଗଠନ ହୋଇଛି ଏବଂ ଏହାର ପରିଚାଳନା ସମିତି କେଉଁ ପ୍ରକ୍ରିୟାରେ ଗଠନ ହୋଇଛି ପ୍ରକାଶ କରି ଏଠାରେ ସମବାୟ ନିୟମ ଆଧାରରେ ନିର୍ବାଚିତ ବୋର୍ଡ଼ ଗଠନ ପାଇଁ ସରକାର ବ୍ୟବସ୍ଥା କରିବେ କି ଏବଂ (ଖ) ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ କେତେଗୋଟି ନୂତନ ପ୍ରାଥମିକ ସେବା ସମବାୟ ସମିତି ଗଠନ ହୋଇଛି ଓ ତାହାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବେ କି ?

----

## Current Status Silver Filigree Project

***35 ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- what is the current status of the silver filigree hub project in Cuttack, Why has the project not been completed yet despite the initial announcements and budget allocations under the SANKALP scheme, What steps are being taken to expedite the completion of this project, which is crucial for the upliftment and sustainability of the silver filigree artisans in our state ?

----

## ଜୟପୁର ଠାରେ Science Park ପ୍ରତିଷ୍ଠା

***36 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦୀର୍ଘ ବର୍ଷ ହେବ ବିଧାନସଭାରେ ଉତ୍ତର ଦେଇ ବାରମ୍ବାର ପ୍ରତିଶୃତି ଦେଇଥିଲେ ମଧ୍ୟ ଜୟପୁର ଠାରେ ଆଜି ପର୍ଯ୍ୟନ୍ତ Science Park ପ୍ରତିଷ୍ଠା ହୋଇ ନଥିବା ସତ୍ୟ କି ; ଚଳିତ ଆର୍ଥିକ ବର୍ଷରେ ଉକ୍ତ Science Park ପ୍ରତିଷ୍ଠା କରିବାକୁ ପଦକ୍ଷେପ ନେବେ କି ?

----

## ଝୋଟ ଚାଷୀଙ୍କ ଅଭାବୀ ବିକ୍ରି

***37 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2023-24 ରେ ଝୋଟ ପାଇଁ ଧାର୍ଯ୍ୟ MSP କୁଇଣ୍ଟାଲ ପିଛା 5050 ଟଙ୍କା ଥିବାବେଳେ ଉତ୍ତର ବାଲେଶ୍ୱରର 4ଟି ବ୍ଲକ ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱରର ଝୋଟ ଚାଷୀମାନେ ଗତ ବର୍ଷ ବ୍ୟାପକ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି, ଭଦ୍ରକସ୍ଥିତ Jute Corporation of India (JCI) ଚାଷୀଙ୍କଠାରୁ MSP ରେ ଝୋଟ କିଣି ନଥିବାରୁ ଏଭଳି ପରିସ୍ଥିତି ଉପୁଜିଲା, ଚଳିତ ବର୍ଷ JCI ସହିତ ସମନ୍ୱୟ ରକ୍ଷା କରି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଝୋଟଚାଷୀ ମାନଙ୍କଠାରୁ MSP ରେ ଝୋଟ କିଣିବାର ବ୍ୟବସ୍ଥା କରିବେ କି ?

----

## ନୂତନ ରାସନ କାର୍ଡ ପ୍ରଦାନ

***38 ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟ ନଗର ନିର୍ବାଚନ ମଣ୍ଡଳୀରୁ ନୂତନ ଭାବେ ରାସନ କାର୍ଡ ଦେବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## NTPC ଦ୍ୱାରା ବିଦ୍ୟୁତ ଶକ୍ତି ଉତ୍ପାଦନ

***39 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଳ ବିଦ୍ୟୁତ ଓ ଥର୍ମାଲ ପ୍ଲାଣ୍ଟ ଏବଂ NTPC ଦ୍ୱାରା ବର୍ତ୍ତମାନ କେତେ ପରିମାଣରେ ବିଦ୍ୟୁତଶକ୍ତି ଉତ୍ପାଦନ ହେଉଛି, ଏହାର ଉପଯୋଗ ନିମନ୍ତେ ଅଧିକ ବିଦ୍ୟୁତଶକ୍ତି ଆବଶ୍ୟକ ହେଉଛି କି; ଯଦି ହେଉଥାଏ ତେବେ ସରକାରଙ୍କ ଯୋଜନା କଣ ?

----

## ସମବାୟ ସମିତି ଗୁଡ଼ିକରେ କର୍ମଚାରୀ ନିଯୁକ୍ତି

***40 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ନୂତନ ଭାବରେ ପ୍ରତିଷ୍ଠା ହୋଇଥିବା ସମବାୟ ସମିତି ଗୁଡ଼ିକର କର୍ମଚାରୀମାନଙ୍କୁ କେବେ ଓ କେଉଁ ପ୍ରକାରରେ ନିଯୁକ୍ତି କରାଯିବ; (ଖ) ଏଥିପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରାଯାଇଛି କି ?

----

## ଜୈବିକ କୃଷିର ବିକାଶ

***41 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜୈବିକ କୃଷିର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ଧର୍ମକଣ୍ଟା ମାନଙ୍କରେ ମାପକ ବ୍ୟବସ୍ଥାରେ ସୁପରିଚାଳନା

***42 ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଧର୍ମକଣ୍ଟା ମାନଙ୍କରେ ମାପକ ବ୍ୟବସ୍ଥାର ସୁପରିଚାଳନା ସହ ଦୁର୍ନୀତି ରୋକିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଲୋ-ଭୋଲଟେଜ ସମସ୍ୟାର ସମାଧାନ

***43 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗୀର ଜିଲ୍ଲାରେ ବାର୍ଷିକ କେତେ ବିଦ୍ୟୁତ୍ ଶକ୍ତି ଘରୋଇ, ଶିଳ୍ପ ସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର ହେଉଛି, ତାହାର ତିନିବର୍ଷର ହିସାବ ଦର୍ଶାଇ ଜିଲ୍ଲାରେ ଶକ୍ତି ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ କରି ବିଦ୍ୟୁତ୍ ଉତ୍ପାଦନ କରିବା ସହ ଜିଲ୍ଲାରେ ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ରାଜ୍ୟରେ ଥିବା LAMPS

***44 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି LAMPS ଅଛି ଓ ଅନ୍ୟାନ୍ୟ କେଉଁ କେଉଁ ସମବାୟ ସଂସ୍ଥା ଅଛି; ଏହା ମାଧ୍ୟମରେ କେତେ ଚାଷୀଙ୍କୁ ଋଣ ଯୋଗାଇ ଦିଆଯାଇଛି କେତେ ଧାନ ସଂଗ୍ରହ ଚାଷୀମାନଙ୍କଠାରୁ ଗ୍ରହଣ କରାଯାଉଛି; ସେହିଭଳି ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ କେତେ LAMPS କେତୋଟି Cold Storage କେଉଁ କେଉଁ ସ୍ଥାନରେ ଅଛି; କେତେ ଚାଷୀ କୃଷିଋଣ ପାଉଛନ୍ତି କେତେ Subsidy ପାଉଛନ୍ତି ?

----

## ସୌରଚାଳିତ ଗଭୀର ନଳକୂପ ଖନନ

***45 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚାଷୀମାନଙ୍କ ଆବଶ୍ୟକତା ଦୃଷ୍ଟିରୁ ସୌରଚାଳିତ ଗଭୀର ନଳକୂପ (Solar Borewell) ପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କ ମଧ୍ୟରେ ଉପଯୁକ୍ତ ସଚେତନ ଶିବିର କିମ୍ବା ପ୍ରଶିକ୍ଷଣ ଶିବିର ନକରିବାର କାରଣ କ'ଣ ଏବଂ ଏହି Solar Borewell ପାଇଁ କେଉଁ କମ୍ପାନୀକୁ ସରକାରଙ୍କ ତରଫରୁ ଦାୟିତ୍ୱ ନ୍ୟସ୍ତ କରାଯାଇଅଛି ଜଣାଇବା ସହ ଚାଷୀମାନେ ଯେପରି ସରଳ ଭାବେ ଆବେଦନ କରି ଏହି ସହାୟତା ପାଇ ପାରିବେ ସେଥିପାଇଁ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନେବେ କି ?

----

## ଧାନ କ୍ରୟ ବାବଦକୁ ଚାଷୀଙ୍କୁ ମିଳିଥିବା ଅର୍ଥ

***46 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଧାନ କ୍ରୟ ବାବଦ ଚାଷୀମାନଙ୍କୁ ପଇଠ ଅର୍ଥ କେନ୍ଦ୍ର ସରକାରଙ୍କ ଦେୟ ଅଂଶ ରାଜ୍ୟ ସରକାରଙ୍କୁ ସଂପୂର୍ଣ୍ଣ ପଇଠ କରିଛନ୍ତି କି ; ଉତ୍ତର 'ନାଁ' ହେଲେ କେନ୍ଦ୍ର ସରକାର ଆଉ କେତେ ଟଙ୍କା ଦେବେ ; ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ଖରିଫ ଏବଂ ରବିରେ ଧାନ କ୍ରୟ କରିବାକୁ ଋଣ କରିଥିଲେ କି ; ଉତ୍ତର 'ହଁ' ହେଲେ ଋଣର ପରିମାଣ କେତେ ?

----

## ବିଦ୍ୟୁତ ଉତ୍ପାଦନରେ ଖର୍ଚ୍ଚ

***47 ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ସମ୍ପ୍ରତି କେତେ ତାପଜ, ଜଳଜ, ସୌର କ୍ଷେତ୍ରରେ ଶକ୍ତି ଉତ୍ପାଦନ କ୍ଷମତା କେଉଁ କେଉଁ ସ୍ଥାନରେ ରହିଛି ଏବଂ କେତେ ଉତ୍ପାଦନ ହେଉଅଛି, ଯଥାକ୍ରମେ ତାପଜ, ଜଳଜ ଏବଂ ସୌରଶକ୍ତି ଉତ୍ପାଦନ କରିବା ପାଇଁ Unit ପିଛା କେତେ ଟଙ୍କା ସରକାର ଖର୍ଚ୍ଚ କରୁଛନ୍ତି, ୩୦୦ Unit ବିଜୁଳି ପ୍ରତ୍ୟେକ ଉପଭୋକ୍ତାଙ୍କୁ ଛାଡ଼ କରିବା ପାଇଁ ଯୋଜନା ଅଛି କି; ଯଦି 'ହଁ' ତାହାକୁ କେବେଠାରୁ କାର୍ଯ୍ୟକାରୀ କରିବେ ?

----

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଲାଭ କ୍ଷତି

***48 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବିଗତ 5 ବର୍ଷରେ କେତେ ଲାଭ ବା କ୍ଷତି କରିଛି, ଦର୍ଶାଇ ଏହାକୁ ଲାଭଜନକ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଖରିଫ ଚାଷ ନିମନ୍ତେ ବିହନ ଯୋଗାଣ

***49 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ/ ଖଇରା ବ୍ଲକରେ ଚଳିତ ବର୍ଷ ଖରିଫ ଚାଷ ନିମନ୍ତେ କେଉଁ କିସମର ବିହନ କେତେ ପରିମାଣରେ ରାଜ୍ୟ ସରକାର କୃଷକ ମାନଙ୍କୁ ପ୍ରଦାନ କରିଛନ୍ତି ଓ କେତେ ଟଙ୍କା ବିନିମୟରେ ଚାଷୀମାନଙ୍କୁ ବିହନ ଯୋଗାଇଛନ୍ତି, ତାହାର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ରାଜ୍ୟରେ ଥିବା ଘରୋଇ ବିଦ୍ୟୁତ ଉପଭୋକ୍ତା

*50 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ କେତେ ସଂଖ୍ୟକ ଘରୋଇ ବିଦ୍ୟୁତ ଉପଭୋକ୍ତା ଅଛନ୍ତି ଓ ତହିରୁ କେତେ ସଂଖ୍ୟକ ଉପଭୋକ୍ତା ୧୦୦ ୟୁନିଟରୁ କମ ବିଜୁଳି ଓ କେତେ ସଂଖ୍ୟକ ଉପଭୋକ୍ତା 101 ୟୁନିଟରୁ 200 ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିନିଯୋଗ କରୁଛନ୍ତି, ଘରୋଇ ଉପଭୋକ୍ତା ମାନଙ୍କୁ ମାଗଣା ବିଜୁଳି ଯୋଗାଇ ଦେବାକୁ ସରକାରଙ୍କ ନିଷ୍ପତ୍ତି ଅଛି କି ?

----

## ପଣପଣା ସମବାୟ ସମିତିରେ ହୋଇଥିବା ଦୁର୍ନିତୀ

*51 **ଶ୍ରୀ ମାଧବ ଧଡା (ସୋରୋ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାର ପଣପଣା ସମବାୟ ସମିତିରେ ହୋଇଥିବା ଦୁର୍ନିତୀର ପୂର୍ଣ୍ଣାଙ୍ଗ ତଦନ୍ତ Special Audit ମାଧ୍ୟମରେ ଶେଷ ହୋଇଅଛି କି, ଦୀର୍ଘଦିନ ଧରି ଜମାକାରୀମାନେ ଯେଉଁ ଅର୍ଥ ଜମା ରଖିଥିଲେ ତାହା କେବେ ଫେରସ୍ତ ପାଇବେ ସେଥିପ୍ରତି ଦୃଷ୍ଟି ଦେବେ କି ଏବଂ ଏହି ଦୁର୍ନିତୀରେ ଜଡିତ ବ୍ୟକ୍ତି ବିଶେଷଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ପ୍ରଦାନ

*52 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅଦ୍ୟାବଧି କେଉଁ ଜିଲ୍ଲାରେ କେତେ ପରିବାର ନୂତନ ପଡିକାର୍ଡ ପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି ; ନୂତନ ଆବେଦନଗୁଡିକୁ ଅନୁଧ୍ୟାନ କରି କେବେ ସୁଦ୍ଧା ପଡିକାର୍ଡ ଯୋଗାଇ ଦିଆଯିବ ଏବଂ (ଖ) ଅନ୍ତୋଦୟ ଯୋଜନାରେ ହିତାଧିକାରୀଙ୍କ ପରଲୋକ ପରେ ପରିବାର ଅନ୍ୟ ସଦସ୍ୟଙ୍କ ନାମରେ ଅନ୍ତୋଦୟ କାର୍ଡ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଡାଲି ଓ ତୈଳ ବୀଜ ଚାଷୀଙ୍କୁ ପ୍ରୋତ୍ସାହନ

*53 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗୀର ଜିଲ୍ଲାରେ ଡାଲି ଓ ତୈଳ ବୀଜ ଜାତୀୟ ଫସଲ ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## କୃଷକ ଓ ସହାୟତା ପ୍ରଦାନ

***54 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ କୃଷିନୀତି ଅନୁଯାୟୀ ବିଗତ ପାଞ୍ଚ ବର୍ଷରେ କେତେଜଣ କୃଷକଙ୍କୁ କି କି ସହାୟତା ଓ ସବସିଡ୍ ଯୋଗାଇ ଦିଆଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଗରିବ ପରିବାରକୁ ଖାଉଟିକାର୍ଡ଼ ପ୍ରଦାନ

***55 ଶ୍ରୀ ଶାରଦା ପ୍ରସାଦ ପଧାନ ( ମାହାଙ୍ଗା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବହୁ ପରିବାର ରେସନକାର୍ଡ଼ ପାଇବାରୁ ବଞ୍ଚିତ ହୋଇଥିବା ହେତୁ ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁଫଳ ପାଇପାରୁ ନଥିବା ପରିପ୍ରେକ୍ଷୀରେ ଗରିବ ପରିବାରମାନଙ୍କୁ ଖାଉଟି କାର୍ଡ଼ ଯୋଗାଇ ଦେବାପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## Proposal new transformer at Barabati Cuttack

***56 ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many hours of power outage have occurred in Cuttack over the last 3 months, what are the reasons for these outages, what steps is the Government taking to address and mitigate these power outages, how many new transformer proposals are there for Barabati Cuttack ?

----

## ସୌର ଚାଳିତ ଗଭୀର ନଳକୂପ ଖନନ

***57 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କୋରାପୁଟ ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ବହୁ ସମୟରେ ପାଣିର ଅଭାବ ହେତୁ ଚାଷ କାମରେ ବାଧା ଉପୁଜିଥାଏ, ଆବଶ୍ୟକ ଦୃଷ୍ଟିରୁ ସୌର ଚାଳିତ ଗଭୀର ନଳକୂପ ପାଇଁ ସରକାର ଚାଷୀମାନଙ୍କୁ ସଚେତନା ମାଧ୍ୟମରେ ପ୍ରଶିକ୍ଷଣ ଦେଇ ସୌର ଚାଳିତ ଗଭୀର ନଳକୂପ ବସେଇବା ପାଇଁ ବିହିତ ପଦକ୍ଷେପ ନେବେ କି, ଏବଂ ଚାଷୀମାନଙ୍କୁ ଏହି ସମ୍ବନ୍ଧରେ ପ୍ରଶିକ୍ଷଣ ଶିବିର କରି ସଚେତନ କରାଇବେ କି, କୋରାପୁଟ ଜିଲ୍ଲା ସହ ଜୟପୁର ନିର୍ବାଚନ ମଣ୍ଡଳୀରେ ପୂର୍ବ ବର୍ଷ ମାନଙ୍କରେ କେତେ ସୌର ଚାଳିତ ନଳକୂପ ପ୍ରତିଷ୍ଠା କରାଯାଇଥିଲା, ସେଗୁଡିକର ବର୍ତ୍ତମାନ ସ୍ଥିତି କ'ଣ ଏବଂ ଅଚଳ ହୋଇପଡିଥିବା ନଳକୂପ ଗୁଡିକୁ ସଚଳ କରିବା ପାଇଁ ପଦକ୍ଷେପ ନେବେ କି ?

----

## କାଳିଆ ଯୋଜନା ପରିମାଣ ବୃଦ୍ଧି

***58 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କାଳିଆ ଯୋଜନାରେ ପ୍ରଦାନ କରାଯାଉଥିବା ସହାୟତା ରାଶି ଏବଂ ଅନ୍ୟାନ୍ୟ ସୁବିଧା ଆଗାମୀ ଦିନରେ ଜାରି ରହିବ ନା ବନ୍ଦ ହୋଇଯିବ ଯଦି ଜାରି ରହିବ ତେବେ, କେବେ ଏହାର ପରିମାଣ ବୃଦ୍ଧି ପାଇବା ନେଇ ସରକାର କିଛି ନିଷ୍ପତ୍ତି ନେଇଛନ୍ତି କି ?

----

## ପଞ୍ଜିକୃତ ହୋଇଥିବା NFSA ଓ SFSA ଯୋଜନାରେ ସାମିଲ

***59 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟରେ NFSA ଓ SFSA ଯୋଜନାରେ କେତେ ଖାଉଟି ଉପକୃତ ହେଉଛନ୍ତି ସେମାନଙ୍କ ସଠିକ ସଂଖ୍ୟା ସରକାର ଉପସ୍ଥାପନ କରିବେ କି; ଏପର୍ଯ୍ୟନ୍ତ ଏହି ଯୋଜନା ଦ୍ୱୟରେ ନୂଆକରି ସମ୍ପୃକ୍ତ ହେବା ପାଇଁ କେତେଜଣ କେଉଁ ଜିଲ୍ଲାରେ ଅପେକ୍ଷାରତ ତାଲିକାରେ (waiting list) ଅଛନ୍ତି, କେବେ ସେମାନଙ୍କୁ ଏହି ବ୍ୟବସ୍ଥାରେ ସମ୍ପୃକ୍ତ କରାଯିବ; ଏବଂ (ଖ) SFSA ରୁ NFSA ତାଲିକାଭୁକ୍ତ କରି ହୀତାଧିକାରୀମାନଙ୍କୁ ଅଧିକ ସୁଯୋଗ ଦେବାକୁ ସରକାରଙ୍କ ବିଚାର କଣ ?

----

## ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଣ

***60 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟରେ କୃଷି ଓ କୃଷକର ଉନ୍ନତିକରଣ ପାଇଁ ସରକାର ଚଳିତ ବର୍ଷ କ'ଣ ସବୁ ନୂତନ ଯୋଜନା ହାତକୁ ନେଇଛନ୍ତି (ଖ) କୀଟନାଶକ ଔଷଧ ଓ କୃଷି ଯନ୍ତ୍ରପାତି ଉପରେ ଚାଷୀଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବା ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତା'ର ଏକ ବିବରଣୀ ପ୍ରଦାନ କରିବେ କି ?

----